# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 28 June – 2025

**********************************

## ମୁଖ୍ୟ ସମ୍ବାଦ

- ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଜନସମାଗମ

– ଆସନ୍ତାକାଲି ଆଡ଼ପ ମଣ୍ଡପକୁ ବିଜେ କରିବେ ମହାପ୍ରଭୁ

- ମନ୍ କି ବାତ୍' କାର୍ଯ୍ୟକ୍ରମରେ ଆସନ୍ତାକାଲି  ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

- ଜଷ୍ଟିସ୍ ଅରଜିତ ପଶାୟତଙ୍କ ଅଧ୍ୟକ୍ଷତାରେ କଟକଠାରେ ଚାଲିଛି ଏସ୍.ଆଇ.ଟି ବୈଠକ

ଏବଂ

- ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲାଗି ରହିଛି ବର୍ଷା; ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକଠାରୁ ୩ ପ୍ରତିଶତ ହୋଇଛି ଅଧିକ ବର୍ଷା

# ରଥଯାତ୍ରା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ଜନସମାଗମ ଲାଗି ରହିଛି। ମହାପ୍ରଭୁ ଜଗନ୍ନାଥଙ୍କ ଧ୍ୱନିରେ ଚର୍ତୁଦିଗ ପ୍ରକମ୍ପିତ ହୋଇଉଠୁଛି। ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନରେ ଶ୍ରୀକ୍ଷେତ୍ରରେ ଏକ ନିଆରା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସ୍ୱରୂପ ଆଜି ସକାଳ ସାଢ଼େ ୯ଟାରେ ବଡ଼ଦାଣ୍ଡରେ ଅଟକି ରହିଥିବା ତିନି ରଥକୁ ଟଣାଯାଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ତିନି ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ଅଭୂତପୂର୍ବ ଭିଡ଼ ଲାଗିରହିଛି। ଶୁଣନ୍ତୁ ଏ ସମ୍ପର୍କିତ ଏକ ରିପୋର୍ଟ...

*ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ତିନିରଥ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ପହଁଞ୍ଚିସାରିଛି। ପୁରୀ ବଡ଼ଦାଣ୍ଡରେ ଆଜି ସକାଳ ୯ଟା ୩୦ ମିନିଟ୍ ସମୟରେ ମହାପ୍ରଭୁଙ୍କ ରଥଟଣା ଆରମ୍ଭ ହୋଇଥିଲା। ପ୍ରଭୁ ଶ୍ରୀବଳଭଦ୍ରଙ୍କ ତାଳଧ୍ୱଜ ରଥ ଡାହୁକ ଡାକରେ ବଳଗଣ୍ଡି ଛକରୁ ଓ ସୁଭଦ୍ରାଙ୍କ ଦର୍ପଦଳନ ରଥ ମାର୍କେଟ ଛକରୁ ଯାତ୍ରା ଆରମ୍ଭ କରି ଗୁଣ୍ଡିଚା ମନ୍ଦିରରେ ପହଁଞ୍ଚିଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ*

*ବଡ଼ଦାଣ୍ଡରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମବେତରେ ଶରଧାବାଲିରେ ପହଁଞ୍ଚିସାରିଛି। ପରମ୍ପରା ଅନୁସାରେ ରଥ ଉପରେ ଆଜି ସକାଳେ ଚତୁର୍ଦ୍ଧା ବିଗ୍ରହଙ୍କ ମଙ୍ଗଳ ଆଳତି ନୀତି କରାଯାଇଥିଲା। ପରେ ରଥ ଉପରେ ଅବକାଶ ପୂଜା କରାଯିବା ସହ ରଥଟାଣ ଆରମ୍ଭ ହୋଇଥିଲା। ଆସନ୍ତାକାଲି ଗୁଣ୍ଡିଚା ମନ୍ଦିରର ଆଡ଼ପ ମଣ୍ଡପକୁ ବିଜେ ନୀତି ଅନୁଷ୍ଠିତ ହେବ। ପୁରୀ ବଡ଼ଦାଣ୍ଡରେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ମହାପ୍ରଭୁଙ୍କ ରଥ ଟାଣିଛନ୍ତି। ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରି ଭକ୍ତ ନିଜକୁ କୃତାର୍ଥ ମନେ କରୁଛି। ଶରଧା ବାଲିରେ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦେଖି ଭକ୍ତି, ପ୍ରୀତି ଓ ମୋକ୍ଷ ନେଇ ଭକ୍ତ ବିଭୋର ହୋଇ ପଡ଼ିଛନ୍ତି।*

*ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ*

**Desk**

# ରତ୍ନଭଣ୍ଡାର ମରାମତି

ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆଜିଠାରୁ ପୁଣି ଥରେ ଆରମ୍ଭ ହୋଇଛି । ଆଠଦିନ ମଧ୍ୟରେ ମରାମତି କାର୍ଯ୍ୟ ଶେଷ କରିବା ଲାଗି ଯୋଜନା ପ୍ରସ୍ତୁତ କରାଯାଇଥିବା ଜଣାପଡ଼ିଛି । ମରାମତି ସମୟରେ ପ୍ରାୟ ୯୦ଟି ପଥର ବଦଳାଯାଇ ନୂଆ ପଥର ଖଞ୍ଜାଯିବ । ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରିବା ପୂର୍ବରୁ  ମରାମତି କାର୍ଯ୍ୟ ଶେଷ କରିବା

ଲାଗି ବିଶେଷଜ୍ଞମାନଙ୍କୁ ନେଇ ଗଠିତ ଦଳ ଦୈନିକ ୨ଟି ପର୍ଯ୍ୟାୟରେ କାର୍ଯ୍ୟ କରିବେ । ଅନ୍ୟପକ୍ଷରେ ବାହାର ରତ୍ନଭଣ୍ଡାର କବାଟକୁ ବର୍ମାଟିକ୍ କାଠ ବ୍ୟବହାର କରି ସୁନା ଛାଉଣି କରିବାକୁ ଯୋଜନା କରାଯାଇଥିବା ଶ୍ରୀମନ୍ଦିର ପ୍ରଶାସନ ଓ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ମଧ୍ୟରେ ଆଲୋଚନା ହୋଇଥିବା ସୂଚନା ମିଳିଛି ।

***Desk***

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା କାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୩ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

*Sambalpur*

## ଚାରାରୋପଣ କାର୍ଯ୍ୟକ୍ରମ

'ଏକ ପେଡ଼ ମା' କେ ନାମ୍-୨.୦' ଅଭିଯାନ ଅନ୍ତର୍ଗତ ସମ୍ବଲପୁର ସହରର ପୋତାପାଲିଠାରେ ବନ ମହୋତ୍ସବ ତଥା  ବିଶାଳ ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ସମ୍ବଲପୁରକୁ ସବୁଜ ସହରରେ ପରିଣତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି କହିଛନ୍ତି। ସହରରେ ୧ ଲକ୍ଷ ଗଛ ଲଗାଇବା ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଜିଲ୍ଲା ପ୍ରଶାସନ ଓ ଜଙ୍ଗଲ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଉଦ୍ୟମ ପ୍ରଶଂସନୀୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏଥିସହ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌କୁ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି।  ଏହି କାର୍ଯ୍ୟକ୍ରମରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ସମସ୍ତଙ୍କୁ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

*Desk*

## ନିଉ କୋଲ୍‌ମାଇନ୍ସ

କୋଲ୍ ଇଣ୍ଡିଆର ସହାୟକ କମ୍ପାନୀ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍-ଏମ୍‌ସିଏଲ୍ ଦ୍ୱାରା ଓଡ଼ିଶାରେ ୩୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ୨ଟି ନୂତନ କୋଇଲା ଖଣି କାର୍ଯ୍ୟକ୍ଷମ ହେବ। ସୁଭଦ୍ରା ଖଣି ଏବଂ

ବଳଭଦ୍ର ଖଣି ନାମରେ ଏହି ଦୁଇଟିଯାକ  କୋଇଲାଖଣି କାର୍ଯ୍ୟକ୍ଷମ ହେବ ବୋଲି ଏମ୍‌ସିଏଲ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ କହିଛନ୍ତି।

ଅନୁଗୁଳ ଜିଲ୍ଲାର ତାଳଚେର କୋଇଲା କ୍ଷେତ୍ରଗୁଡ଼ିକରେ ଏହି ଦୁଇଟିଯାକ ଖଣି କାର୍ଯ୍ୟକ୍ଷମ କରାଯିବ ବୋଲି ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସୁଭଦ୍ରା ଖଣିରୁ ବାର୍ଷିକ ୨୫ ନିୟୁତ ଟନ୍ କୋଇଲା ଉତ୍ତୋଳନ କରିବାକୁ ଲକ୍ଷ୍ୟ ରଖାଯାଇଛି । ପୂର୍ବରୁ ଏମ୍‌ସିଏଲ୍ ଦ୍ୱାରା ୧୮ଟି ଖଣି କାର୍ଯ୍ୟକ୍ଷମ କରାଯାଇଛି ।  ସେଥିମଧ୍ୟରେ ଓଡ଼ିଶାର ଭୁବନେଶ୍ୱରୀୟ, ଜଗନ୍ନାଥ, ହିଙ୍ଗୁଳା, ଲିଙ୍ଗରାଜ ଏବଂ ତାଳଚେର କୋଇଲାଖଣି ଅନ୍ତର୍ଭୁକ୍ତ ।

***CTC***

## ଏସ୍‌ଆଇଟି ବୈଠକ

କଟକଠାରେ କଳାଟଙ୍କା ସମ୍ପର୍କିତ ସ୍ୱତନ୍ତ୍ର ତଦନ୍ତକାରୀ ଦଳ– ଏସ୍.ଆଇ.ଟି. ବୈଠକ ଜଷ୍ଟିସ୍ ଅରଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ଚାଲିଛି। ଏସ୍.ଆଇ.ଟି. ଉପାଧ୍ୟକ୍ଷ ଜଷ୍ଟିସ୍ ପଶାୟତଙ୍କ କଟକସ୍ଥିତ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ନିଶା କାରବାର, ଅନ୍‌ଲାଇନ୍ ଗେମ୍, ଟ୍ରେଡିଂ ଓ ସାଇବର ଠକେଇ ପ୍ରସଙ୍ଗ ଉପରେ ଦେଶର ବିଭିନ୍ନ ତଦନ୍ତାକାରୀ ସଂସ୍ଥାଗୁଡ଼ିକ ସହ ଆଲୋଚନା ଜାରି ରହିଛି। ଏହି ବୈଠକରେ ଇ.ଡି ନିର୍ଦ୍ଦେଶକ, ସି.ବି.ଟି.ଡି. ଅଧ୍ୟକ୍ଷ, ଆୟକର ବିଭାଗ ଅଧିକାରୀ, ଏନ୍.ସି.ବି. ଅଧିକାରୀ, ଭିଜିଲାନ୍ସ ନିର୍ଦ୍ଦେଶକ, କ୍ରାଇମବ୍ରାଞ୍ଚ

ଆଇ.ଜି.ଙ୍କ ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

***BBSR/R***

## ଚାଷଜମି ଜଳସେଚିତ

ରାଜ୍ୟରେ ଆସନ୍ତା ଖରିଫ ଋତୁରେ ୩୭ ଲକ୍ଷ ୬୭ ହଜାର ହେକ୍ଟର ଚାଷଜମିକୁ ଜଳସେଚିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବୃହତ୍ ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଉଠା ଜଳସେଚନ ପ୍ରକଳ୍ପ, ଗଭୀର ନଳକୂପ ମାଧ୍ୟମରେ ଚାଷଜମିକୁ ଜଳ ପହଁଞ୍ଚାଇବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ପାଇଁ ୩୦ ଜଣ ଜଳ ପ୍ରଭାରୀଙ୍କୁ ନିଯୁକ୍ତି ଦିଆଯାଇଛି। ଜଳପ୍ରଭାରୀମାନେ ଜିଲ୍ଲାସ୍ତରରେ ସମୀକ୍ଷା କରିବେ ବୋଲି ଜଣାପଡ଼ିଛି। ଜଳ ପ୍ରଭାରୀଙ୍କ ଉପସ୍ଥିତିରେ ଜିଲ୍ଲାପାଳ ସେଚ ସମୀକ୍ଷା ବୈଠକର ଆୟୋଜନ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

***Desk***

## ଛାତ୍ରଛାତ୍ରୀ- ଜୋତା ମୋଜା

ଚଳିତ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଏବଂ ଅନୁସୂଚିତ ଜାତି ଜନଜାତି ବିଭାଗ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମାଗଣା ଜୋତା ଓ ମୋଜା ଯୋଗାଇ ଦିଆଯିବ । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସଂପୃକ୍ତ ଛାତ୍ରଛାତ୍ରୀମାନଙ୍କୁ ସମଗ୍ର ଶିକ୍ଷା, ପିଏମ୍‌ଶ୍ରୀ ଏବଂ

ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ଗୋଟିଏ ହଳ ଜୋତା, ଦୁଇହଳ ମୋଜା, ଗୋଟିଏ ଟ୍ରାକ୍ ପ୍ୟାଣ୍ଟ ଓ ଟି-ସାର୍ଟ, ଗୋଟିଏ ଟୋପି ଓ ପରିଚୟପତ୍ର ପ୍ରଦାନ କରାଯିବ । ଓସେପା ପକ୍ଷରୁ ଜାରି ମାର୍ଗଦର୍ଶିକା ଅନୁଯାୟୀ ଆସନ୍ତା ମାସ ୧୫ ତାରିଖ ସୁଦ୍ଧା ଏହା ଯୋଗାଇ ଦିଆଯିବ ।

***Ganjam***

## ଇ- ଅଫିସ୍ କର୍ମଶାଳା

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ମ୍ୟୁନ୍‌ସିପାଲିଟି ସମ୍ମିଳନୀ କକ୍ଷରେ ଇ–ଅଫିସ୍ ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କମିଶନର ପ୍ରଥମେସ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ କର୍ମଚାରୀଙ୍କୁ ଅନଲାଇନ୍ ଫାଇଲ ପରିଚାଳନା ସମ୍ପର୍କରେ ଅବଗତ କରାଯାଇଥିଲା। ଆସନ୍ତା ଜୁଲାଇ ମାସ ପ୍ରଥମ ସପ୍ତାହରେ ଓଡ଼ିଶା ରାଜ୍ୟ କାର୍ଯ୍ୟଧାରା ସ୍ୱୟଂଚାଳିତ ପଦ୍ଧତି– ଓସ୍ୱାସ, ରାଜ୍ୟ ପି.ଏମ୍.ୟୁ ଟିମ୍, ବ୍ରହ୍ମପୁର ମହାନଗର ନିଗମ କର୍ମଚାରୀଙ୍କୁ ତାଲିମ ଦେବେ। ପରେ ବିଭିନ୍ନ ବିଭାଗରେ ଇ-ଅଫିସ୍ ସିଷ୍ଟମ କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା ଅଫିସ୍ କାର୍ଯ୍ୟରେ ସମାନୁବର୍ତ୍ତିତା ଏବଂ ସ୍ୱଚ୍ଛତା ବଜାୟୀ ରହିବା ସହ କର୍ମଚାରୀଙ୍କୁ ଏହାର ସୁଫଳ ମିଳିପାରିବ ବୋଲି କର୍ମଶାଳାରେ ମତବ୍ୟକ୍ତ ପାଇଛି।

***BHK***

## ସଡ଼କ ସୁରକ୍ଷା ସଚେତନତା

ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୪୪ତମ ସଡ଼କ ସୁରକ୍ଷା ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ବୈଠକରେ ଅଧ୍ୟକ୍ଷତା କରି ସଡ଼କ ସୁରକ୍ଷାର ନୀତି, ହେଲମେଟ୍ ପିନ୍ଧିବା, ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କୁ ସଡ଼କ ସୁରକ୍ଷା ସମ୍ପର୍କରେ ସଚେତନ କରାଇଥିଲେ ।

***Desk***

## ମାଷ୍ଟର୍ସ କପ୍

ଚେନ୍ନାଇସ୍ଥିତ ମେୟର ରାଧାକ୍ରିଷ୍ଣନ ଷ୍ଟାଡିୟମ୍‌ଠାରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍ ହକିରେ ଓଡ଼ିଶା ମହିଳା ଦଳ ଚାମ୍ପିଅନ ହୋଇଛି । ଫାଇନାଲରେ ୧-୦ ଗୋଲ୍‌ରେ ପଞ୍ଜାବକୁ ହରାଇ ଏହି ସଫଳତା ହାସଲ କରିଛି ।

***BHK/HS***

# ପାଣିପାଗ

ଉତ୍ତର ପଶ୍ଚିମ ବଙ୍ଗୋପସାଗର, ପାର୍ଶ୍ୱବର୍ତ୍ତୀ ଉତ୍ତର ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ଏହି ଅବଧି ମଧ୍ୟରେ ୮ଟି ଜିଲ୍ଲାରେ ଅତ୍ୟଧିକ, ୧୭ଟି ଜିଲ୍ଲାରେ ସ୍ୱାଭାବିକ ଏବଂ ୫ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଥିବା ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଗତ ୨୪ ଘଣ୍ଟାରେ କେନ୍ଦୁଝର ଜିଲ୍ଲାର ବାଂଶପାଳରେ

ସର୍ବାଧିକ ୧୦୬ ଦଶମିକ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକଠାରୁ ୩ ପ୍ରତିଶତ ଅଧିକ ବର୍ଷା ହୋଇଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ଭଦ୍ରକ ଜିଲ୍ଲାରେ ତୁହାକୁ ତୁହା ବର୍ଷା ଲାଗି ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକରେ ୭୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।